GOVERNMENT OF ORISSA

ଓଡ଼ିଶା ସରକାର

# THE ORISSA CORNEAL GRAFTING ACT, 1960

# ORISSA ACT 1 OF 1961

# ଓଡ଼ିଶା କନୀନିକା ରୋପଣ ଅଧିନିୟମ, ୧୯୬୦

# ୧୯୬୧ର ଓଡ଼ିଶା ଅଧିନିୟମ ୧

LAW DEPARTMENT

ବିଧି ବିଭାଗ

[ *Price—Re. 0·40* ]

# ଓଡ଼ିଶା କର୍ଣ୍ଣିକା ରୋପଣ ଅଧିନିୟମ, ୧୯୭୦

ସୂଚୀପତ୍ର

ଉଦ୍ଦେଶିକା

ଧାରାବଳୀ


୧ । ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ

୨ । ସଂଜ୍ଞା

୩ । ମୃତ ବ୍ୟକ୍ତିଙ୍କ ଚକ୍ଷୁର ଅପସାରଣ

୪ । କେତେବେଳେ ପ୍ରାଧିକାର ଦିଆଯିବ ନାହିଁ

୫ । କେବଳ ଦାହ ଆଦି ଉଦ୍ଦେଶ୍ୟରେ ଶରୀର ଯାହାଙ୍କଠାରେ ନ୍ୟସ୍ତ ସେହି ବ୍ୟକ୍ତି ପ୍ରାଧିକାର ଦେବେ ନାହିଁ

୬ । ଅଦାବୀକୃତ ଶରୀର ସମ୍ପର୍କରେ ପ୍ରାଧିକାର

୭ । ଅପସାରଣ କରିବାକୁ ପ୍ରାଧିକୃତ ବ୍ୟକ୍ତି

୮ । ନିୟମାବଳୀ ପ୍ରଣୟନ କରିବାକୁ ରାଜ୍ୟ ସରକାରଙ୍କ କ୍ଷମତା

୯ । ବ୍ୟାବୃତ୍ତି

## ୧୯୭୧ର ଓଡ଼ିଶା ଅଧିନିୟମ ୧

## ଓଡ଼ିଶା କର୍ଣ୍ଣିକା ରୋପଣ ଅଧିନିୟମ, ୧୯୭୦

(୧୧ ଜାନୁଆରି ୧୯୭୧ରେ ରାଜ୍ୟପାଳଙ୍କ ସମ୍ମତିପ୍ରାପ୍ତ, ୧୯ ଜାନୁଆରି ୧୯୭୧ର ଓଡ଼ିଶା ଗେଜେଟ୍‌ର ଏକ ଅସାଧାରଣ ସଂଖ୍ୟାରେ ପ୍ରଥମେ ପ୍ରକାଶିତ)

ଚିକିତ୍ସା ଉଦ୍ଦେଶ୍ୟରେ ମୃତ ବ୍ୟକ୍ତିଙ୍କ ଚକ୍ଷୁର ଅପସାରଣ ନିମିତ୍ତ ଉପବନ୍ଧ କରିବାକୁ ଏକ ଅଧିନିୟମ । ଭାରତ ଗଣରାଜ୍ୟର ଏକାଦଶ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

୧ । (୧) ଏହି ଅଧିନିୟମ ଓଡ଼ିଶା କର୍ଣ୍ଣିକା ରୋପଣ ଅଧିନିୟମ, ୧୯୭୦ ନାମରେ ଅଭିହିତ ହେବ ।

(୨) ଏହା ସମଗ୍ର ଓଡ଼ିଶା ରାଜ୍ୟ ପ୍ରତି ବିସ୍ତୃତ ।

(୩) ଏହି ଧାରା ତୁରନ୍ତ ପ୍ରବୃତ୍ତ ହେବ ଏବଂ ଏହି ଅଧିନିୟମର ଅବଶିଷ୍ଟ ଉପବନ୍ଧଗୁଡ଼ିକ ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା, ନିଯୁକ୍ତ କରିବାମତେ ଅଞ୍ଚଳରେ ଓ ତାରିଖରେ ପ୍ରବୃତ୍ତ ହେବ ।

ସଂଜ୍ଞା

୨ । ବିଷୟ ବା ପ୍ରସଙ୍ଗରେ କିଛି ବିରୋଧ ନ ଥିଲେ ଏହି ଅଧିନିୟମରେ—

(କ) "ଅନୁମୋଦିତ ଅନୁଷ୍ଠାନ", ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଏକ ହାସପାତାଲ ବା ଚିକିତ୍ସା ଉଦ୍ଦେଶ୍ୟ ଥିବା ଏକ ଚିକିତ୍ସାଳୟ ବା ଶିକ୍ଷଣ ସଂସ୍ଥାକୁ ବୁଝାଏ ;

(ଖ) ଏକ ମୃତ ବ୍ୟକ୍ତିଙ୍କ ସମ୍ପର୍କରେ "ନିକଟ ସମ୍ପର୍କୀୟ" ମୃତ ବ୍ୟକ୍ତିଙ୍କ ନିମ୍ନଲିଖିତ କେହି ସମ୍ପର୍କୀୟ ଅର୍ଥାତ ପତ୍ନୀ, ପତି, ମାତା ବା ପିତା, ପୁତ୍ର, ପୁତ୍ରୀ, ଭ୍ରାତା ଓ ଭଗିନୀ ଏବଂ ଅନ୍ୟ ଯେଉଁ ବ୍ୟକ୍ତିଙ୍କୁ ବୁଝାଏ ; ଏବଂ

(i) ପାରମ୍ପରିକ ବା ସାଂପାର୍ଶ୍ୱିକ ରକ୍ତସମ୍ପର୍କ ଦ୍ୱାରା ପାରମ୍ପରିକ ସମ୍ପର୍କ ତିନ ଡିଗ୍ରୀ ମଧ୍ୟରେ ଏବଂ ସାଂପାର୍ଶ୍ୱିକ ସମ୍ପର୍କରେ ଛଅ ଡିଗ୍ରୀ ମଧ୍ୟରେ; କିମ୍ବା

(ii) ମୃତ ବ୍ୟକ୍ତିଙ୍କ ସହିତ କିମ୍ବା ଏହି ଖଣ୍ଡରେ ବିନିର୍ଦ୍ଦିଷ୍ଟ ଭାବରେ ବର୍ଣ୍ଣିତ କୌଣସି ସମ୍ପର୍କୀୟଙ୍କ ସହିତ ବା ଉପରୋକ୍ତ ଡିଗ୍ରୀ ମଧ୍ୟରେ କୌଣସି ଅନ୍ୟ ସମ୍ପର୍କୀୟଙ୍କ ସହିତ ବିବାହ ଦ୍ୱାରା, ମୃତ ବ୍ୟକ୍ତିଙ୍କ ସହିତ ସମ୍ପର୍କିତ, ସେହି ବ୍ୟକ୍ତିଙ୍କୁ ଅନ୍ତର୍ଗତ କରେ ।

ସ୍ପଷ୍ଟୀକରଣ—"ପାରମ୍ପରିକ ଓ ସାଂପାର୍ଶ୍ୱିକ ରକ୍ତସମ୍ପର୍କ" ଅଭିବ୍ୟକ୍ତିର ସେହି ଅର୍ଥ ହେବ ଯାହାକି ଭାରତୀୟ ଉତ୍ତରାଧିକାର ଅଧିନିୟମ, ୧୯୨୫ରେ ସେଗୁଡ଼ିକୁ ସମନୁଦେଶିତ ହୋଇଛି; ୧୯୨୫ର ୩୯

(ଗ) "ବିହିତ" ଅର୍ଥ ଏହି ଅଧିନିୟମ ଅଧୀନରେ ନିୟମାବଳୀ ଦ୍ୱାରା ବିହିତକୁ ବୁଝାଏ;

(ଘ) "ସ୍ୱୀକୃତ" ବିହିତ ହେବାମତେ ରୀତିରେ ଏହି ଅଧିନିୟମର ଉଦ୍ଦେଶ୍ୟ ନିମିତ୍ତ ସ୍ୱୀକୃତକୁ ବୁଝାଏ ;

(ଙ) "ରେଜିଷ୍ଟ୍ରିଭୁକ୍ତ ଚକ୍ଷୁ ବ୍ୟବସାୟୀ" ଅର୍ଥ କୌଣସି ଔଷଧ ପ୍ରଣାଳୀ ପ୍ରୟୋଗ କରୁଥିବା ଏବଂ ତତ୍କାଳେ ଭାରତରେ ପ୍ରବୃତ୍ତ କୌଣସି ବିଧି ଅଧୀନରେ ସେହିରୂପେ ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଜଣେ ବ୍ୟବସାୟୀକୁ ବୁଝାଏ; ଏବଂ

(ଚ) "ଅଦାବୀକୃତ ଶରୀର" ଅର୍ଥ ଜଣେ ମୃତ ବ୍ୟକ୍ତିଙ୍କର ଶରୀର ଯାହାଙ୍କର କେହି ନିକଟ ସମ୍ପର୍କୀୟ ନାହାଁନ୍ତି କିମ୍ବା ଯାହାଙ୍କ ତାଙ୍କର କେହି ନିକଟ ସମ୍ପର୍କୀୟଙ୍କ ଦ୍ୱାରା ବିହିତ ହେବାମତେ ସମୟ ମଧ୍ୟରେ ଦାବି କରାଯାଇ ନାହିଁ ।

**ମୃତ ବ୍ୟକ୍ତିଙ୍କ ଚକ୍ଷୁର ଅପସାରଣ ।**

୩ । (୧) ଯଦି କୌଣସି ବ୍ୟକ୍ତି ଲିଖିତ ଭାବରେ ଏକ ଅନୁରୋଧ ଅଭିବ୍ୟକ୍ତ କରିଥାନ୍ତି ଯେ ତାଙ୍କର ମୃତ୍ୟୁ ପରେ ତାଙ୍କର ଚକ୍ଷୁ ଚିକିତ୍ସା ଉଦ୍ଦେଶ୍ୟରେ ବ୍ୟବହାର କରାଯିବ, ତାହାହେଲେ ତାଙ୍କର ମୃତ୍ୟୁ ପରେ ତାଙ୍କର ଶରୀରର ବିଧିପୂର୍ଣ୍ଣ ଦଖଲରେ ଥିବା ବ୍ୟକ୍ତି, ସେହି ଅନୁରୋଧ ପରେ ପ୍ରତ୍ୟାହାର କରାଯାଇ ନାହିଁ ବୋଲି ତାଙ୍କର ବିଶ୍ୱାସ କରିବାର କାରଣ ଥିଲେ, ଉକ୍ତ ଉଦ୍ଦେଶ୍ୟରେ ସେହି ଶରୀରରୁ ଚକ୍ଷୁର ଅପସାରଣ ନିମିତ୍ତ ଲିଖିତ ଭାବରେ ପ୍ରାଧିକୃତ କରିପାରିବେ ।

(୨) ଏହିରୂପେ ପ୍ରାଧିକୃତ କରୁଥିବା ବ୍ୟକ୍ତି ପ୍ରାଧିକୃତ କରୁଥିବା ସମୟରେ ଲିଖିତ ଭାବେ ତାଙ୍କର ଇଚ୍ଛା ପ୍ରକାଶ କଲେ, ତାଙ୍କୁ ବିହିତ ହେବା ସେପରି ଫର୍ମରେ ଓ ସର୍ତ୍ତର ଅଧୀନରେ ସେହି ପରିମାଣ ପ୍ରଦାନ କରାଯିବ ।

(୩) ଉପଧାରା (୧)ର ଉପବନ୍ଧଗୁଡ଼ିକ ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ଜଣେ ମୃତ ବ୍ୟକ୍ତିଙ୍କ ଶରୀରର ବିଧିପୂର୍ଣ୍ଣ ଦଖଲରେ ଥିବା ବ୍ୟକ୍ତି ଉପରୋକ୍ତ ଉଦ୍ଦେଶ୍ୟରେ ସେହି ଶରୀରରୁ ଚକ୍ଷୁର ଅପସାରଣ ନିମିତ୍ତ ପ୍ରାଧିକୃତ କରିପାରିବେ ଯଦି ସେହି ବ୍ୟକ୍ତିଙ୍କର ବିଶ୍ୱାସ କରିବାର କାରଣ ନଥାଏ—

(କ) ଯେ ମୃତ ବ୍ୟକ୍ତି ମୃତ୍ୟୁପରେ ଏହିରୂପେ ତାଙ୍କର ଚକ୍ଷୁର ବ୍ୟବହାରକୁ ଆପତ୍ତି କରିଛନ୍ତି ଏବଂ ସେହି ଆପତ୍ତି ପ୍ରତ୍ୟାହାର କରି ନାହାନ୍ତି; କିମ୍ବା

(ଖ) ଯେ ମୃତ ବ୍ୟକ୍ତିଙ୍କର ଜଣେ ନିକଟ ସମ୍ପର୍କୀୟ ମୃତ ବ୍ୟକ୍ତିଙ୍କର ଚକ୍ଷୁର ଏହିରୂପେ ବ୍ୟବହାରକୁ ଆପତ୍ତି କରୁଛନ୍ତି ।

(୪) କୌଣସି ମୃତ ବ୍ୟକ୍ତିଙ୍କ ସମ୍ପର୍କରେ ଏହି ଧାରାର ଉପବନ୍ଧଗୁଡ଼ିକ ଅଧୀନରେ ଦିଆଯାଇଥିବା ପ୍ରାଧିକାର ଶରୀରରୁ ଚକ୍ଷୁର ଅପସାରଣ ଓ ଉପରୋକ୍ତ ଉଦ୍ଦେଶ୍ୟରେ ସେଗୁଡ଼ିକର ବ୍ୟବହାରର ପର୍ଯ୍ୟାପ୍ତ ପ୍ରାରମ୍ଭ ହେବ ।

**କେତେବେଳେ ପ୍ରାଧିକାର ଦିଆଯିବ ନାହିଁ ।**

୪ । ଧାରା ୩ ଅଧୀନରେ ଚକ୍ଷୁର ଅପସାରଣ ନିମିତ୍ତ ପ୍ରାଧିକାର ଦିଆଯିବ ନାହିଁ—

(୧) ଯଦି ସେହି ପ୍ରାଧିକାର ଦେବାକୁ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କର ବିଶ୍ୱାସ କରିବାର କାରଣ ଥାଏ ଯେ ସେହି ଶରୀରରେ ଏକ ମୃତ୍ୟୁ ତଦନ୍ତ କରାଯିବା ଆବଶ୍ୟକ ହୋଇପାରେ; କିମ୍ବା

(୨) ଯଦି ସେହି ଶରୀର କବର ଦିଆଯିବା ବା ଦାହ କରାଯିବା ଉଦ୍ଦେଶ୍ୟରେ କବରଖାନା ବା ଶ୍ମଶାନକୁ ଅପସାରିତ ହୋଇଥାଏ ।

କେବଳ ଦାହ ଆଦି ଉଦ୍ଦେଶ୍ୟରେ ଶରୀର ଯାହାଙ୍କଠାରେ ନ୍ୟସ୍ତ ସେହି ବ୍ୟକ୍ତି ପ୍ରାଧିକାର ଦେବେ ନାହିଁ ।

୫ । ଜଣେ ମୃତ ବ୍ୟକ୍ତିଙ୍କର ଶରୀରକୁ କେବଳ କବର ଦିଆଯିବା ବା ଦାହ କରାଯିବା ଉଦ୍ଦେଶ୍ୟରେ ଯେଉଁ ବ୍ୟକ୍ତିଙ୍କଠାରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ମୃତ ବ୍ୟକ୍ତିଙ୍କ ଶରୀର ନ୍ୟସ୍ତ କରାଯାଇଥାଏ ସେହି ବ୍ୟକ୍ତିଙ୍କ ଦ୍ୱାରା ସେହି ମୃତ ବ୍ୟକ୍ତିଙ୍କ ଶରୀର ସମ୍ପର୍କରେ ଧାରା ୩ ଅଧୀନରେ ଚକ୍ଷୁର ଅପସାରଣ ନିମିତ୍ତ କୌଣସି ପ୍ରାଧିକାର ଦିଆଯିବ ନାହିଁ ।

ଅଦାବୀକୃତ ଶରୀର ସମ୍ପର୍କରେ ପ୍ରାଧିକାର ।

୬ । ଏକ ଅନୁମୋଦିତ ଅନୁଷ୍ଠାନରେ ରହିଥିବା ଏକ ଅଦାବୀକୃତ ଶରୀର କ୍ଷେତ୍ରରେ ଏହି ଅଧିନିୟମ ଅଧୀନରେ ଚକ୍ଷୁର ଅପସାରଣ ନିମିତ୍ତ ପ୍ରାଧିକାର ସେହି ଅନୁଷ୍ଠାନର ନିୟନ୍ତ୍ରଣ ଓ ପରିଚାଳନାରେ ଥିବା ବ୍ୟକ୍ତିଙ୍କ ଦ୍ୱାରା ବିହିତ ହେବାମତେ ଲିଖିତରେ ଦିଆଯାଇପାରେ ।

ଅପସାରିତ କରିବାକୁ ପ୍ରାଧିକୃତ ବ୍ୟକ୍ତି ।

୭ । ଚକ୍ଷୁର ଅପସାରଣ କେବଳ ଜଣେ ସ୍ୱୀକୃତ ରେଜିଷ୍ଟ୍ରିଭୁକ୍ତ ଚିକିତ୍ସା ବ୍ୟବସାୟୀଙ୍କ ଦ୍ୱାରା କରାଯିବ ଯେ କି ଶରୀରର ବ୍ୟକ୍ତିଗତ ପରୀକ୍ଷା ଦ୍ୱାରା ଜୀବନ ଶୂନ୍ୟ ହୋଇଛି ବୋଲି ନିଜକୁ ସନ୍ତୁଷ୍ଟ କରିଥାନ୍ତି ।

ନିୟମାବଳୀ ପ୍ରଣୟନ କରିବାକୁ ରାଜ୍ୟ ସରକାରଙ୍କ କ୍ଷମତା ।

୮ । (୧) ରାଜ୍ୟ ସରକାର ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକ କାର୍ଯ୍ୟାନ୍ୱିତ କରିବାକୁ ପୂର୍ବ ପ୍ରକାଶନ ପରେ ନିୟମାବଳୀ ପ୍ରଣୟନ କରିପାରିବେ ।

(୨) ଏହି ଅଧିନିୟମ ଅଧୀନରେ ପ୍ରଣୀତ ସମସ୍ତ ନିୟମାବଳୀ ପ୍ରଣୀତ ହେବା ପରେ ଯେତେ ଶୀଘ୍ର ସମ୍ଭବ, ମୋଟ ଚଉଦ ଦିନ କାଳାବଧି ନିମିତ୍ତ ରାଜ୍ୟ ବିଧାନମଣ୍ଡଳରେ ଉପସ୍ଥାପିତ ହେବ ଯାହାକି ଏକ ବା ଅଧିକ ସତ୍ରରେ ସମାବିଷ୍ଟ ହୋଇପାରେ ଏବଂ ଉକ୍ତ କାଳାବଧି ମଧ୍ୟରେ ରାଜ୍ୟ ବିଧାନମଣ୍ଡଳ ତହିଁରେ ଯେଉଁ ରୂପଭେଦନ କରିପାରେ, ସେହି ରୂପଭେଦନର ଅଧୀନ ହେବ ।

ବ୍ୟାବୃତ୍ତି

୯ । (୧) ଏହି ଅଧିନିୟମ ପାରିତ ହୋଇ ନଥିଲେ ଜଣେ ମୃତ ବ୍ୟକ୍ତିଙ୍କ ଶରୀରର ବା ତାହାର କୌଣସି ଭାଗର ଯେପରି ବ୍ୟବହାର ବିଧିପୂର୍ଣ୍ଣ ହୋଇଥାନ୍ତା, ଏହି ଅଧିନିୟମର ପୂର୍ବୋକ୍ତ ଉପବନ୍ଧଗୁଡ଼ିକରେ ଥିବା କିଛି ବିଷୟ ଯେପରି ବ୍ୟବହାରକୁ ବିଧି ବହିର୍ଭୂତ କରୁଛି ବୋଲି ଅର୍ଥ କରାଯିବ ନାହିଁ ।

(୨) ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଅନୁଯାୟୀ ଚକ୍ଷୁର ଅପସାରଣ ନିମିତ୍ତ କୌଣସି ପ୍ରାଧିକାର ଭାରତୀୟ ଦଣ୍ଡ ସଂହିତାର ଧାରା ୨୯୭ର ଉପବନ୍ଧଗୁଡ଼ିକର ଉଲ୍ଲଙ୍ଘନରେ କୌଣସି କାର୍ଯ୍ୟ ବୋଲି ବିବେଚିତ ହେବ ନାହିଁ । ୧୮୬୦ର ୪୫

OGP—MP-VIII (Law) 23—1,000—9-5-1977